# The Odisha Gazette

**EXTRAORDINARY**

**PUBLISHED BY AUTHORITY**

**No. 764 CUTTACK, FRIDAY, APRIL 29, 2016/BAISAKHA 9, 1938**

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ଅଧିସୂଚନା

ତାରିଖ 6 ଅପ୍ରେଲ 2016

ସଂଖ୍ୟା 10908—RDM-LAA-MBJ-0028/2016-R&DM.—ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ମୟୂରଭଞ୍ଜ ଜିଲ୍ଲାର ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ବୈଶିଙ୍ଗା ଫିଡର ବ୍ରାଞ୍ଚ କେନାଲ ନିର୍ମାଣ ନିମନ୍ତେ ମୌଜା–ଜାମ୍ବିରାଡିହା, ଥାନା–ବାରିପଦା, ନଂ ୧୬୯, ତହସିଲ–ବାରିପଦା, ଜିଲ୍ଲା–ମୟୂରଭଞ୍ଜରେ ନିମ୍ନ ତଫସିଲମତେ ପ୍ରାୟ ୦.୨୮ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, 2013ର ଧାରା 11(1)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

1. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ—ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ବୈଶିଙ୍ଗା ଫିଡର ବ୍ରାଞ୍ଚ କେନାଲ ନିମନ୍ତେ ।

2. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ—ନିର୍ବାହୀ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୁରଭଞ୍ଜ ।

3. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ—ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ।

4. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ—ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।

5. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ—ଉପ ଜିଲ୍ଲାପାଳ, ମୟୁରଭଞ୍ଜ ।

6. ଜମିର ବିବରଣୀ—

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| ମୟୂରଭଞ୍ଜ | ବାରିପଦା | ଜାମ୍ବିରାଡ଼ିହା | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ୧.୧୭ ଏକର | ୦.୨୮ ଏକର | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ–ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଦେଉଳି, ମୟୁରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ମୟୁରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର 60 ଦିନ ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ଭୂମି ଅନୁସୂଚୀ

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବୈଶିଙ୍ଗା ଫିଡର ବ୍ରାଞ୍ଚ କେନାଲ ନିମନ୍ତେ

ମୌଜା-ଜାମ୍ବିରାଡିହା, ଥାନା-ବାରିପଦା, ନଂ ୧୬୯, ତହସିଲ-ବାରିପଦା, ଜିଲ୍ଲା-ମୟୂରଭଞ୍ଜ

| ଖାତା ନଂ. ଓ ସତ୍ୱ | ପ୍ଲଟ ନଂ. | କିସମ | ଆକ୍ର୍ୟାର ରକବା | ମନ୍ତବ୍ୟ |
|---|---|---|---|---|
| (୧) | (୨) | (୩) | (୪) | (୫) |
| | | ସମପରିମାଣ ଗୋଚର ପ୍ରତିବଦଳୀ | | |
| ୩୧ | ୩୨୫ | ଡାହି ଏକ | ୦.୨୮ | |
| | | ମୋଟ | ଏ ୦.୨୮ | |

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ

**ଅଭୟ କୁମାର ନାୟକ**

ଯୁଗ୍ମ ଶାସନ ସଚିବ

Printed and Published by the Director of Printing, Stationery and Publication, Odisha, Cuttack-10
Ex. Gaz 184–173+20